**NEW PAPER:** Dharitri

**DATE:** 08.08.2018

**PAGE:** 11

# ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କଲା ଏଏସ୍‌ବିଏମ୍




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର, ୭।୮

ଏସିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍) ପକ୍ଷରୁ ନୂତନ ବ୍ୟାଚ୍‌ର ପିଜିଡ଼ିଏମ୍, ବିବିଏ ଏବଂ ବି.କମ୍ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଇଓ ଦୀନବନ୍ଧୁ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ଜୀବନର ସଫଳତା ପାଇଁ କଠୋର ଅଧ୍ୟବସାୟ, ଦୃଢ଼ ମନୋବଳ ଏବଂ ଶୃଙ୍ଖଳିତ ଆଚରଣ ନିହାତି ଆବଶ୍ୟକ। ଆତ୍ମ ସମୀକ୍ଷା ଦ୍ୱାରା ନିଜର ଭୁଲ୍‌କୁ ସୁଧାରି ଜୀବନରେ ସଫଳତା ଦିଗରେ ଅଗ୍ରସର ହେବା ଉଚିତ। ସେହିପରି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦେବେନ୍ଦ୍ର ନାଥ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ପରିବର୍ତ୍ତନର ଆହ୍ୱାନକୁ ସାମ୍ନା କରିବା ଉଚିତ। ଏଥିରେ ସାଂସଦ ପ୍ରସନ୍ନ ପାଟଶାଣୀ, ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ, ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାୟ, ପ୍ରଫେସର ହେମନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।